## ଭୋଟର ହେଲପ ଲାଇନ୍ ମୋବାଇଲ ଭ୍ୟାନର ଶୁଭାରମ୍ଭ ।

## ଭୋଟର କାର୍ଡକୁ ଆଧାର ସହିତ ସଂଯୋଗ କରିବା ନିମନ୍ତେ ସଚେତନତା ସୃଷ୍ଟି ।

ନିଜର ଆଧାରକାର୍ଡକୁ ଭୋଟର ପରିଚୟ୍ ପତ୍ର ସହିତ ଯୋଡିବା ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ ତରଫରୁ ଆଜି ଏକ ମୋବାଇଲ ଭ୍ୟାନ ଜିଲ୍ଲା କାର୍ଯ୍ୟାଳୟ୍ ପରିସରରୁ ବାହାରିଛି । ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆନୁଷ୍ଠାନିକ ଭାବେ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିବା ସହ ଭୋଟରମାନେ ଅଧିକ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଡି ହୋଇ ସେମାନଂକର ଆଧାରକାର୍ଡକୁ ଭୋଟର ପରିଚୟ୍ ପତ୍ର ସହିତ ଯୋଡିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ଭୋଟର ହେଲପ ଲାଇନ୍ ମୋବାଇଲ ଆପ ବ୍ୟବହାର ହେବା ନିମନ୍ତେ ବ୍ୟବସ୍ଥା କରାଯାଇଛି । www.voter portal.eci.gov.in କିମ୍ବା www.nvsp.in ରେ ଲଗ୍ଇନ୍ କରିପାରିବେ । ଏହାଛଡା ନିର୍ବାଚନ ପଞ୍ଜିକରଣ ଅଧିକାରୀଂକ ସହ ୧୯୫୦ ରେ ଯୋଗାଯୋଗ କରିପାରିବେ । ୬୧-ଅନୁଗୋଳ ଓ ୬୨- ଛେଣ୍ଡିପଦା (ସଂରକ୍ଷିତ) ବିଧାନସଭା ନିର୍ବାଚନମଣ୍ଡଳୀ ଅଂଚଳରେ ଏହି ମୋବାଇଲ ଭ୍ୟାନ ପରିକ୍ରମା କରି ସଚେତନତା ସୃଷ୍ଟି କରିବ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ,ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍‌ଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟ୍ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ୍‌ର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

